## ୩ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲାରୁ ବୁଧବାର ୩ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୪୪ ହଜାର ୫୦୮ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ପ୍ରଦାନ କରିଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ତାଳଚେର ବ୍ଲକ ଅଞ୍ଚଳରୁ ୨ଜଣ, ବଣ୍ଡରପାଳ ବ୍ଲକରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୨ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।



## ସଂକ୍ଷେପରେ

### ହାତୀ ଉପଦ୍ରବ, ଚିନ୍ତାରେ ଚାଷୀ

କଣିହାଁ,୨୨।୧୨(ଡି.ଏନ.ଏ.)- କଣିହାଁ ବ୍ଲକ ଅଞ୍ଚଳରେ କିଛିଦିନ ହେଲା ହାତୀ ଉପଦ୍ରବ ଲାଗି ରହିଛି। ହାତୀପଲ ବ୍ୟାପକ ଫସଲ ହାନି କରୁଥିବାରୁ ଏହାକୁ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଟୋଲକବେଡା, ଟାକୁଆ, କଣିହାଁରେ ହାତୀପଲ ପଶି ଆଳୁ, କୋବି, ଧାନ ଫସଲ ନଷ୍ଟ କରିଛନ୍ତି। ବୁଧବାର ଗହମ ଗାଁରେ ହାତୀପଲ ପଶିଥିବାରୁ ଏହାକୁ ନେଇ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ଖବର ଦିଆଯାଇଥିଲେ ମଧ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ନ ଥିବାରୁ ବାଧ ହୋଇ ଗ୍ରାମବାସୀ ହାତୀ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। କ୍ଷୟକ୍ଷତି ଆକଳନ କରି ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

### ନୂଆ ଥାନା ଅଧିକାରୀ

ଖମାର,୨୨।୧୨(ଡି.ଏନ.ଏ.)- ପାଲଲହଡ଼ା ଉପଖଣ୍ଡ ଖମାର ଥାନାରେ ନୂତନ ଅଧିକାରୀ



ଭାବେ ପ୍ରୀତିମଞ୍ଜରୀ ମେଣ୍ଡୁଲି ଯୋଗ ଦେଇଛନ୍ତି। ପୂର୍ବ ଅଧିକାରୀ ଜ୍ଞାନରଞ୍ଜନ ସାମଲଙ୍କ ବଦଳି ପରେ ମେଣ୍ଡୁଲି ଏଠାରେ କାର୍ଯ୍ୟଭାର ସମ୍ଭାଳିଛନ୍ତି। ଆଇନ ଶୃଙ୍ଖଳା ନିୟନ୍ତ୍ରଣରେ ରଖିବାକୁ ପ୍ରାଥମିକତା ଦେବେ ବୋଲି ମେଣ୍ଡୁଲି ପ୍ରକାଶ କରିଛନ୍ତି।

### ଖବରଦାତାଙ୍କ ମାତୃ ବିୟୋଗ

ଆଠମଲ୍ଲିକ,୨୨।୧୨(ଡି.ଏନ.ଏ.)- ଅନୁଗୋଳ ଜିଲା ଆଠମଲ୍ଲିକର ବରିଷ୍ଠ ଖବରଦାତା ଜୟ



ଗୋପାଳ ଷଡ଼ଙ୍ଗୀଙ୍କ ମା' ପାର୍ବତୀ ଷଡ଼ଙ୍ଗୀ (୯୩)ଙ୍କ ବୁଧବାର ଭୋର ୪ଟାରେ ପରଲୋକ ଘଟିଛି। ଖବରପାଇ ଆଠମଲ୍ଲିକ ନଗର କଂଗ୍ରେସ ସଭାପତି କମଳାକାନ୍ତ ପ୍ରଧାନ, କମଳା ମିଶ୍ର, ବଳଦେବ ମହାପାତ୍ର, ବରିଷ୍ଠ ଆଇନଜୀବୀ ରାମକୃଷ୍ଣ ମିଶ୍ର, ଭବାନୀ ମିଶ୍ର, ରାଜେଶ ମିଶ୍ର, ଅଧାପକ ଅମରେଶ ଷଡ଼ଙ୍ଗୀ, ବିବେକା ବେହେରା, ଅମୀୟ ଦାଶ, ଚିତ୍ତ ରଞ୍ଜନ ତ୍ରିପାଠୀ, ମନୋରଞ୍ଜନ ତ୍ରିପାଠୀ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ଝିଅ, ପୁଅ, ଜ୍ୱାଇଁ, ନାତୁଣୀ, ନାତି, ଅଣନାତି ଉପସ୍ଥିତ ଥିଲେ।

### ଚୋରି ଘଟଣାରେ ୨ ଗିରଫ

ଅନୁଗୋଳ ଅଫିସ, ୨୨।୧୨- ଅନୁଗୋଳ ପୋଲିସ ଏକ ମୋବାଇଲ ଚୋରି ଗ୍ୟାଙ୍ଗର ୨ ସଦସ୍ୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଜଣେ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଇଥିବା ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ ସୂଚନା ପ୍ରଦାନ କରିଛନ୍ତି। ଗତ ଅକ୍ଟୋବର ୧୫ରେ କାଜଲ ସାହୁ ପୋଲସ କଲୋନୀରୁ ଲେବର କାର୍ଯ୍ୟାଳୟକୁ ଯିବାବେଳେ ୩ ଜଣ ଦୁର୍ବୃତ୍ତ ତାଙ୍କ ମୋବାଇଲ୍ ଝାମ୍ପି ନେଇଥିଲେ। ଏ ନେଇ କାଜଲ ଥାନାରେ ଅଭିଯୋଗ କରିବା ପରେ ଏସ୍ଆଇ ଅବଦୁଲ୍ ୱାସିମ୍ ଖାନ୍ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଥାନା ପକ୍ଷରୁ କୁହାଯାଇଛି।

### ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ

ବଇଣ୍ଡା,୨୨।୧୨(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ଚୁଳିଆପୁର ଗ୍ରାମର ସିଦ୍ଧାନ୍ତ ବେହେରାଙ୍କୁ ସେହି ଗ୍ରାମର ସୁରେଶ ବେହେରା ମାଡ଼ ମାରିଥିବା ମଙ୍ଗଳବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗପତ୍ରରେ ସିଦ୍ଧାନ୍ତ ଉଲ୍ଲେଖ କରିଛନ୍ତି, ପୂର୍ବ ଶତ୍ରୁତାକୁ ନେଇ ସେ ଘର ଆଗରେ ଥିବାବେଳେ ସୁରେଶ ତାଙ୍କୁ ମାଡ଼ ମାରିଥିଲେ। ପୋଲିସ ନମ୍ବର ୩୦୬/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷରେ ସୁରେଶଙ୍କ ସ୍ତ୍ରୀ ଅଭିଯୋଗରେ ସିଦ୍ଧାନ୍ତ ତାଙ୍କୁ ମାଡ଼ ମାରିଥିବା ଦର୍ଶାଇଛନ୍ତି। ପୋଲିସ ନମ୍ବର ୩୦୭/୨୧ ମାମଲା ରୁଜୁ କରିଛି।

### ହାଇୱା ଧକ୍କାରେ ଜଣେ ମୃତ

ଛେଣ୍ଡିପଦା,୨୨।୧୨(ସ୍ୱ.ପ୍ର.)- ଜରପଡା ଥାନା ଜରପଡା-ଛେଣ୍ଡିପଦା ପୂର୍ତ୍ତ ବିଭାଗ ରାସ୍ତାର ରେଳ ଓଭରବ୍ରିଜ୍ ବୁଲାଣିଠାରେ ହାଇୱା ଧକ୍କାରେ ମୋଟରସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ପରିଚୟ ମିଳିପାରି ନ ଥିବା ବେଳେ ଘର ବୌଦ୍ଧ ଜିଲାରେ ହୋଇଥିବା କୁହାଯାଉଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଥାନା ଅଧିକାରୀ ସରୋଜକାନ୍ତ ସାମଲ ପ୍ରକାଶ କରିଛନ୍ତି।

### ନିଆଁଲାଗି ମହିଳା ଗୁରୁତର

କାମାକ୍ଷାନଗର,୨୨।୧୨(ଡି.ଏନ.ଏ.)- କଙ୍କଡ଼ାହାଡ଼ ଥାନା ପଳାସଡାଙ୍ଗି ଗ୍ରାମର ସୋମାଲିନ ପ୍ରଧାନ (୨୨) ବୁଧବାର ପୋଡ଼ିହୋଇ ଗୁରୁତର ହୋଇଛନ୍ତି। ଶୀତରୁ ରକ୍ଷା ପାଇବା ପାଇଁ ନିଆଁ ପୁଇଁ ହେଉଥିବାବେଳେ ନିଆଁ ଲାଗିଯାଇଥିଲା। ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟରୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଦୁଇଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହୋଇଥିବାବେଳେ ଶରୀରର ୪୦% ପୋଡ଼ିଯାଇଥିବା ଡାକ୍ତର ସୂଚନା ଦେଇଛନ୍ତି।

# ମାଛଚାଷ କରିବ ସ୍ୱାବଲମ୍ବୀ

**ଢେଙ୍କାନାଳ ଅଫିସ, ୨୨।୧୨**

ଢେଙ୍କାନାଳ ଜିଲାରେ ମାଛଚାଷ ପ୍ରତି ଚାଷୀଙ୍କ ଆଗ୍ରହ ବଢ଼ିବାରେ ଲାଗିଛି। ଯୁବଚାଷୀମାନେ ନିଜସ୍ୱ ଉଦ୍ୟମରେ ମାଛ ଫାର୍ମ କରି ପର୍ଯ୍ୟାପ୍ତ ରୋଜଗାର କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଟାଟାଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ଭାରତ ସରକାରଙ୍କ ନ୍ୟାଶନାଲ ଫେଡେରେଶନ ଅଫ୍ ଫିଶର୍ସ କୋଅପରେଟିଭ୍ ଲିମିଟେଡ୍ ସହଭାଗୀତାରେ ମତ୍ସ୍ୟଚାଷ ତାଲିମ ଓ ପରିଦର୍ଶନ ଯାତ୍ରା ଆୟୋଜିତ ହୋଇଯାଇଛି। ଏହି ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ନରେନ୍ଦ୍ରପୁରଠାରେ ଅବସ୍ଥିତ କମ୍ପାନୀ ପାର୍ଶ୍ୱବର୍ତ୍ତୀ କୁରୁଣ୍ଟି, କୁସୁପଙ୍ଗା, ତାଳବାହାଳ, ଇଟାପ, ଗଣ୍ଡିଗାଡିଆ, ନୂଆଗାଁ, କୋଚିଲାମଡ଼ା, ଶିବପୁର, ନରେନ୍ଦ୍ରପୁର, ସରପା, ରଘୁନାଥପୁର ଗ୍ରାମର ୭୧ ଚାଷୀ ଅଂଶଗ୍ରହଣ କରିଥିଲେ। ମାଛ ପାଳନ, ଔଷଧ ପ୍ରୟୋଗ, ପୋଖରୀର ପରିଚାଳନା, ରୋଗ ଉପଚାର, ଜଳ ପରୀକ୍ଷଣ ଉପାୟ ଏବଂ ଅଧିକ ଉତ୍ପାଦନକ୍ଷମ ବିହନ ବିଷୟରେ





ତାଲିମରେ ଅଂଶଗ୍ରହଣ କରିଥିବା ମତ୍ସ୍ୟଚାଷୀମାନେ।

- ଟାଟାଷ୍ଟିଲ୍ ପକ୍ଷରୁ ମତ୍ସ୍ୟଚାଷ ତାଲିମ
- ଭାଗନେଲେ ୧୧ ଗ୍ରାମର ୭୧ ଚାଷୀ

ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲା ମତ୍ସ୍ୟଚାଷ ଅଧିକାରୀ ପ୍ରଦୀପ୍ତ କିଶୋର ଭୂୟାଁ, ଅନୁଗୋଳ ଜିଲା ମତ୍ସ୍ୟ ବିଭାଗ ଉପନିର୍ଦ୍ଦେଶିକା ବବିତା ମହାନ୍ତି ଯୋଗଦେଇ ମତ୍ସ୍ୟଚାଷ ଲାଗି କାର୍ଯ୍ୟକାରୀ ହେଉଥିବା ସରକାରୀ ଯୋଜନା ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ଚାଷୀଙ୍କୁ ଯୋରନ୍ଦାସ୍ଥିତ ଫାର୍ମ ପରିଦର୍ଶନ ନିମନ୍ତେ ନିଆଯାଇଥିଲା। ସଫଳ ମତ୍ସ୍ୟଚାଷୀମାନେ ଅଭିଜ୍ଞତା ବାଣ୍ଟିଥିଲେ। ଟାଟାଷ୍ଟିଲ ସିଏସ୍ଆଇ କାର୍ଯ୍ୟନିର୍ବାହୀ ଅଧିକାରୀ ସର୍ବେଶ୍ୱର ନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କମ୍ପାନୀ ପାର୍ଶ୍ୱବର୍ତ୍ତୀ ଗ୍ରାମର ଉତ୍ସାହୀ ଯୁବକ, ଚାଷୀଙ୍କୁ ଆତ୍ମନିର୍ଭରଶୀଳ କରାଇବା ଉଦ୍ଦେଶ୍ୟରେ ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ଏହାର କାରଖାନା ପାର୍ଶ୍ୱବର୍ତ୍ତୀ ଗ୍ରାମରେ ମାଛ ଚାଷ ପ୍ରଶିକ୍ଷଣ ଦିଆଯାଉଛି। ମତ୍ସ୍ୟଚାଷରେ ନିୟୋଜିତ ଚାଷୀଙ୍କୁ ମାଛ ଖାଦ୍ୟ, ଯାଆଁଳା, ଔଷଧ ଯୋଗାଇ ଦିଆଯାଉଛି। ନ୍ୟାଶନାଲ ଫେଡେରେଶନ ଅଫ୍ ଫିଶର୍ସ କୋଅପରେଟିଭ୍ ଲିମିଟେଡ୍ର ବିଶେଷଜ୍ଞଙ୍କ ଦ୍ୱାରା ମାର୍ଗଦର୍ଶନ କରାଯାଉଥିବା ସୂଚନା ଦିଆଯାଇଛି।

# ହୀରା ମୁଦି ଚୋରି ଘଟଣାର ଖୋଳତାଡ଼

## ଅନୁଗୋଳରେ ଭୋପାଳ ପୋଲିସ

**ଅନୁଗୋଳ ଅଫିସ, ୨୨।୧୨**

ଟ୍ରେନ୍ରୁ ଚୋରି ହୋଇଥିବା ହୀରା ମୁଦି, ମୋବାଇଲ, ୫୦ ହଜାର ଟଙ୍କାର ତଦନ୍ତ ପାଇଁ ବୁଧବାର ଅନୁଗୋଳ ଥାନାରେ ପହଞ୍ଚିଛି ଭୋପାଳ ପୋଲିସ। ସମ୍ବଲପୁରରେ ଦୋକାନ ଦେଇଥିବା ଅନୁଗୋଳ ଜିଲା ଜରଡ଼ା ଅଞ୍ଚଳର ଜଣେ ଯୁବକଙ୍କ ସିମ୍କାର୍ଡ ଉକ୍ତ ଚୋରି ମୋବାଇଲରେ ମାତ୍ର କେଇ ସେକେଣ୍ଡ ପାଇଁ ଆକ୍ଟିଭ୍ ହୋଇଥିବାରୁ ତାହାର ଖୋଳତାଡ଼ କରିବାକୁ ଭୋପାଳ ପୋଲିସ ଅନୁଗୋଳ ଆସିଛି। ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ଡକାଯାଇ ପଚରାଉଚରା କରାଯାଇଛି।

ପ୍ରକାଶ ଯେ, ସେପ୍ଟେମ୍ବର ୨୪ ତାରିଖରେ ଭୋପାଳର ଜଣେ ମହିଳା ଇନ୍ଦ୍ରା ମହେଶ୍ୱରୀ ଟ୍ରେନ୍ରେ ଯାତ୍ରା କଲାବେଳେ ତାଙ୍କ ଭ୍ୟାନିଟି ଚୋରି ହୋଇଯାଇଥିଲା। ସେଥିରେ ହୀରା ମୁଦି ସହ ମୋବାଇଲ ଓ ଟଙ୍କା ଥିଲା। ଏ ନେଇ ସେ ଭୋପାଳ ଜିଆରପି ନିକଟରେ ଅଭିଯୋଗ କରିଥିଲେ। ଅନୁଗୋଳ ଜରଡ଼ାର ସମ୍ପୃକ୍ତ ଯୁବକ ସମ୍ବଲପୁର ରିଜର୍ଭ ପୋଲିସ କାର୍ଯ୍ୟାଳୟ ସମ୍ମୁଖରେ ଚା ଦୋକାନ ଦେଇଥିବାବେଳେ ତାଙ୍କ ସିମ୍ ଉକ୍ତ ମୋବାଇଲରେ କିଛି ସମୟ ପାଇଁ ଆକ୍ଟିଭ୍ ହୋଇଥିଲା। ଏ ସମ୍ପର୍କରେ ଦୋକାନୀ କହିଛନ୍ତି, ଜଣେ ବିସ୍କୁଟ ବ୍ୟବସାୟୀଙ୍କ ମୋବାଇଲ୍ କାମ କରୁ ନ ଥିବାରୁ ତାଙ୍କ ସିମ୍ ନେଇ ମୋବାଇଲରେ ପକାଇଥିଲେ। ଏହାପରେ ସିମ୍ ଦେଇ ଚାଲିଯାଇଥିଲେ। ତେବେ ଚୋରି ସମ୍ପର୍କରେ ସେ କିଛି ଜାଣି ନ ଥିବା ଦୋକାନୀ ପ୍ରକାଶ କରିଛନ୍ତି।



ଅନୁଗୋଳ ଥାନାରେ ପହଞ୍ଚିଥିବା ଭୋପାଳ ପୋଲିସ।

# ଠକ ଦମ୍ପତିଙ୍କ ଟଙ୍କା, ସୁନା ଜବତ

**ଅନୁଗୋଳ ଅଫିସ, ୨୨।୧୨**

ଅନୁଗୋଳର କେତେଜଣ ଯୁବକଙ୍କୁ ଏକ କମ୍ପାନୀରେ ଚାକିରି ଦେବାର ଲୋଭ ଦେଖାଇ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ଅଭିଯୋଗରେ ଗିରଫ ହୋଇଥିବା ଦମ୍ପତି ଚୈତାଳୀ ମୁଖାର୍ଜୀ ଓ ମୃଙ୍ଗାଙ୍ଗ୍ ଗୁପ୍ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଥିବା ଟଙ୍କା ଓ ସୁନା ଜବତ କରାଯାଇଛି। ଏ ସମ୍ପର୍କରେ ଅନୁଗୋଳ ପୋଲିସ ମୁଖ୍ୟାଳୟ ପକ୍ଷରୁ କୁହାଯାଇଛି, ଗତ ସେପ୍ଟେମ୍ବର ମାସରେ ଅନୁଗୋଳ



ପୋଲିସ ପଶ୍ଚିମବଙ୍ଗର ଦୁର୍ଗାପୁରସ୍ଥିତ ଘରୁ ସମ୍ପୃକ୍ତ ଦମ୍ପତିଙ୍କୁ ଉଠାଇ ଆଣିଥିଲା। ଦୁହେଁଙ୍କ ନିକଟରୁ ଉକ୍ତ କମ୍ପାନୀର ବିଭିନ୍ନ ନକଲି କାଗଜପତ୍ର ସହ ସିଲ୍ ଜବତ କରିଥିଲା। ଏହି ଘଟଣାରେ ଅଧିକ ତଦନ୍ତ ଚାଲୁଥିବା ସମୟରେ ଅନୁଗୋଳ ପୋଲିସ ଦୁର୍ଗାପୁରର ଏକ ବ୍ୟାଙ୍କରେ ସାଢ଼େ ୧୦ ଲକ୍ଷ ଟଙ୍କା ସହ ୭୫୭ ଗ୍ରାମର ସୁନା ଅଳଙ୍କାର ଜବତ କରିଥିଲା। ମୋଟ ୯ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୨୮ଟି ଆକାଉଣ୍ଟକୁ ଫ୍ରିଜ୍ କରାଯାଇଛି। ଏହି ଘଟଣାରେ ମୋଟ ୧ କୋଟି ୩୩ ଲକ୍ଷ ଟଙ୍କାର ନଗଦ ଟଙ୍କା ଓ ଅଳଙ୍କାର ପୋଲିସ ଜବତ କରିଛି। ଓଡ଼ିଶା ସମେତ ମହାରାଷ୍ଟ୍ର, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଜାମ୍ମୁ ଓ କଶ୍ମୀର, ଛତିଶଗଡ଼ ଆଦି ରାଜ୍ୟର ଶିକ୍ଷିତ ଯୁବତୀ ଓ ଯୁବକମାନେ ଠକାମିର ଶିକାର ହୋଇଥିଲେ। ଠକ ଦମ୍ପତିଙ୍କୁ ମହାରାଷ୍ଟ୍ର ପୋଲିସ ଅନୁଗୋଳରୁ ରିମାଣ୍ଡରେ ନେଇଥିବା ପୋଲିସ ମୁଖ୍ୟାଳୟ ପକ୍ଷରୁ କୁହାଯାଇଛି।

# ୨୦ ହିତାଧିକାରୀଙ୍କୁ ସହାୟତା ରାଶି

**ଢେଙ୍କାନାଳ ଅଫିସ, ୨୨।୧୨**

କୋଭିଡ୍ ମହାମାରୀ ଯୋଗୁ ପ୍ରଭାବିତ ହୋଇଥିବା ଜାତୀୟ ତଥା ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ଓଡ଼ିଶା ସରକାର ୧ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ୍ ହଲ୍ରେ ବିଧାୟକ ସୁଧୀର କୁମାର ସାମଲ ବ୍ଲକ ଏବଂ ପୌରାଞ୍ଚଳର ୨୦ ହିତାଧିକାରୀଙ୍କୁ ୧ ହଜାର ଟଙ୍କା ଲେଖାଏ ନଗର ଅର୍ଥରାଶି ପ୍ରଦାନ କରିଛନ୍ତି। ଜିଲାର ୨ଲକ୍ଷ ୮୮ହଜାର ହିତାଧିକାରୀଙ୍କୁ ଏହି ସହାୟତା ପ୍ରଦାନ କରାଯିବ ବୋଲି ଜିଲାପାଳ ସରୋଜ କୁମାର ସେଠୀ ସୂଚନା ଦେଇଛନ୍ତି। ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ପୌର ନିର୍ବାହୀ ଅଧିକାରୀ ଅତନୁ ସାମନ୍ତ, ଯୋଗାଣ ଅଧିକାରୀ ନୀରଦ ରଞ୍ଜନ ଦାସଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜଣେ ହିତାଧିକାରୀଙ୍କୁ ବିଧାୟକ ସହାୟତା ରାଶି ପ୍ରଦାନ କରୁଛନ୍ତି।

# ଜିଲା କାର୍ଯ୍ୟାଳୟ ଘେରାଉ

**ଅନୁଗୋଳ ଅଫିସ, ୨୨।୧୨**

ପାଚିକା-ସହାୟିକାମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ମାସକୁ ୨୧ ହଜାର ଟଙ୍କା ଦରମା ସହ ପିଏଫ୍, ପେନ୍ସନ୍ ବ୍ୟବସ୍ଥା ଆଦି ଦାବିରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ଅନୁଗୋଳ ଜିଲା କମିଟି ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପାଚିକା ସହାୟିକା ସଂଘ ଜିଲା ସଭାପତି ବ୍ରଜବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏଆଇୟୁଟିୟୁସି ଜିଲା ସଭାପତି ପ୍ରହ୍ଲାଦ ଚନ୍ଦ୍ର ସାହୁ, ସମ୍ପାଦକ ମଣ୍ଡଳୀସଭ୍ୟ ତୀର୍ଥବାସୀ ଭୋଇ, ପାଚିକା-ସହାୟିକା ସଂଘ ଜିଲା ସମ୍ପାଦିକା ବୁଲି ବାରିକ, ଜିଲା ସଙ୍ଗଠିକା ମାନସୀ ସ୍ୱାଇଁ, ମନ୍ଦୋଦରୀ ରାଉଳ, ସରୋଜିନୀ ନାୟକ ପ୍ରମୁଖ ଉପଜିଲାପାଳ ବାସୁଦେବ ଶତପଥୀଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏ ନେଇ ବୈଠକ କରିବାକୁ ଉପଜିଲାପାଳ ପ୍ରତିଶ୍ରୁତି ଦେବାପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା।





ବିକ୍ଷୋଭ ପ୍ରଦର୍ଶନ କରୁଥିବା ପାଚିକା ଓ ସହାୟିକାମାନେ।

# ବ୍ଲକସ୍ତରୀୟ ପରାମର୍ଶ ଶିବିର

**ବଇଣ୍ଡା,୨୨।୧୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ପରିସରରେ ବୁଧବାର ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ



ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଡ. ସ୍ୱରୂପାନନ୍ଦ ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ଅନ୍ୟତମ ଅତିଥି ଭାବେ ଏବିଡିଓ ଜ୍ୟାତିରଞ୍ଜନ ପ୍ରଧାନ, ଜିପିଓ ଶରତ ଚନ୍ଦ୍ର ବିଶ୍ୱାଳ, ଉମାକାନ୍ତ ପ୍ରଧାନ ଯୋଗଦେଇଥିଲେ। ଏଥିରେ ୧୯୪ ଜଣ ନାମ ପଞ୍ଜୀକରଣ କରିଥିଲେ। ବେକାର ଯୁବତୀ ଯୁବକମାନେ କିଭଳି ବିଭିନ୍ନ ସଂସ୍ଥାରେ ନିଯୁକ୍ତି ପାଇ ରୋଜଗାରକ୍ଷମ ହେବେ ସେ ନେଇ ଅତିଥିମାନେ ପରାମର୍ଶ ଦେଇଥିଲେ। ଓଡ଼ିଶା ଜୀବିକା ମିଶନ ବ୍ଲକ ପରିଚାଳକ ସୁଜିତ କୁମାର ପ୍ରଧାନ, ଜିତେନ୍ଦ୍ର କୁମାର ଦେହୁରୀ ପରିଚାଳନା କରିଥିଲେ।

# ବନ ବିଭାଗର ନାଲିଆଖିରେ ମତ୍ସ୍ୟଜୀବୀ ଅତିଷ୍ଠ



ବୈଠକରେ ଉପସ୍ଥିତ ମତ୍ସ୍ୟଜୀବୀମାନେ।

**ଅନୁଗୋଳ ଅଫିସ, ୨୨।୧୨**

ଅନୁଗୋଳ ଜିଲା ସାତକୋଶିଆ ମହାନଦୀ ଗଣ୍ଡ ଅଞ୍ଚଳରେ ମାଛଧରି ପରିବାର ପ୍ରତିପୋଷଣ କରୁଥିବା ମତ୍ସ୍ୟଜୀବୀଙ୍କୁ ବନ ବିଭାଗର ବାରମ୍ବାର ନାଲିଆଖି ଅତିଷ୍ଠ କରୁଛି। ମାଛ ଧରିବାରେ କଟକଣା ଯୋଗୁ ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କରେ ମାଛ ଧରି ପରିବାର ପ୍ରତିପୋଷଣ କରିପାରୁ ନାହାନ୍ତି। ତଥାପି ବନବିଭାଗର ତାଗିଦା ବଢ଼ି ଚାଲିଛି। ଆଇନ୍କାନୁନ୍ ଆଳରେ ବିକଳ୍ପ ବ୍ୟବସ୍ଥା ନ କରି ଜୀବିକାକୁ ଧ୍ୱଂସ କରିବାର ପ୍ରଚେଷ୍ଟାକୁ ସାତକୋଶିଆ ମତ୍ସ୍ୟଜୀବୀ ସଂଘ ପକ୍ଷରୁ ବିରୋଧ କରାଯାଇଛି। ବୁଧବାର ରାମିଡହଠାରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜୀବିକାର ସୁରକ୍ଷା ପାଇଁ ଜିଲା ପ୍ରଶାସନକୁ ଲିଖିତଭାବେ ଜଣାଇବା ସହ ଆବଶ୍ୟକସ୍ଥଳେ ଭୁବନେଶ୍ୱରରେ ଆନ୍ଦୋଳନ କରାଯିବ ସଂଘ କର୍ମକର୍ତ୍ତା ରବୀନ୍ଦ୍ର ବାରିକ, ଅରୁଣ ବେହେରା, ଜ୍ଞାନରଞ୍ଜନ ସାହୁ, ଦଣ୍ଡଧର ନାୟକ, ସୁଦର୍ଶନ ବେହେରା, ଚେରୁ ସେଠ ପ୍ରମୁଖ ପ୍ରକାଶ କରିନ୍ତି।

# ଏସ୍ଏଚ୍ଜି ସଶକ୍ତୀକରଣ ପାଇଁ ୫୧.୪୪ଲକ୍ଷ

**ଢେଙ୍କାନାଳ ଅଫିସ, ୨୨।୧୨**

ଭୁବନେଶ୍ୱର ଲୋକ ସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍ଫରେନ୍ସରେ ମିଶନ ଶକ୍ତି ଇ-ମାର୍କେଟ ପୋର୍ଟାଲ ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ମିଶନ ଶକ୍ତି ବଜାରର ଶିଳାନ୍ୟାସ କରିଥିବାବେଳେ ପ୍ରତି ଜିଲାରେ ମିଶନ ଶକ୍ତି ବଜାର ପ୍ରତିଷ୍ଠା କରାଯିବ ବୋଲି କହିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍ଜି)କୁ ଅଧିକ କ୍ରିୟାଶୀଳ କରିବା ଲାଗି ପ୍ରତି ଜିଲାକୁ ୧ କୋଟି ଟଙ୍କା ପ୍ରଦାନ କରାଯିବ। ଢେଙ୍କାନାଳ ଜିଲାର ଏସ୍ଏଚ୍ଜିକୁ ସଶକ୍ତ କରିବା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ଲାଗି ୫୧ଲକ୍ଷ ୪୪ ହଜାର ଟଙ୍କା ପ୍ରଦାନ କରାଯାଇଛି।





ପୋର୍ଟାଲ ଶୁଭାରମ୍ଭ ଅବସରରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

# ଜନସଂଖ୍ୟା ନିୟନ୍ତ୍ରଣ ଅପରିହାର୍ଯ୍ୟ

**ଢେଙ୍କାନାଳ ଅଫିସ, ୨୨।୧୨**

ଦୁଇ ସନ୍ତାନ ନୀତି ପ୍ରଣୟନ ଏବଂ ସିଏଏ କାର୍ଯ୍ୟକାରୀ କରିବା ଦାବିରେ ଢେଙ୍କାନାଳ ଜିଲା ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ଶାଖା ପକ୍ଷରୁ ବୁଧବାର ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ସଭାପତି କଲ୍ୟାଣ କୁମାର କାନୁନ୍ଗୋଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଇଂ. ବାବୁଚାନ୍ଦ ମହାଳିକ, ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ କହିଲେ, ଭାରତରେ ବାର୍ଷିକ ୨ କୋଟି ହିସାବରେ ଜନସଂଖ୍ୟା ବଢ଼ୁଛି। ସ୍ୱାଧୀନତା ସମୟରେ ମାତ୍ର ଦେଶରେ ୩୦ କୋଟି ଲୋକ ରହୁଥିବାବେଳେ ୨୦୪୦ ବେଳକୁ ଏହା ୨୦୦ କୋଟିରେ ପହଞ୍ଚି ସାରିଥିବ। ତେଣୁ ଜନସଂଖ୍ୟା ନିୟନ୍ତ୍ରଣ ଅପରିହାର୍ଯ୍ୟ। ସେହିପରି ଅନୁପ୍ରବେଶ ରୋକିବା ଲାଗି ସ୍ୱତନ୍ତ୍ର ଆଇନ ଆଣିବା ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା। ସୋମେନ ରାୟ, କୈଳାସ ବେହେରା, ଆନନ୍ଦ ମିଶ୍ର, ପ୍ରଶାନ୍ତ ମିଶ୍ର, ପ୍ରିୟବ୍ରତ ଗଡ଼ନାୟକ, ରାମଚନ୍ଦ୍ର ଦେବତା, ଧ୍ରୁବଚରଣ ସ୍ୱାଇଁ, ଭାରତୀ ସ୍ୱାଇଁ, ଦେବରାଜ ସାହୁ, ନୃପକେଶରୀ ନାୟକ, ବିକାଶ ନାୟକ, ପ୍ରଦୀପ ପଣ୍ଡା, ସୁଜିତ ପଟ୍ଟନାୟକ, ଦିଲୀପ ମହାପାତ୍ର, ରାକେଶ ପଟ୍ଟନାୟକ, ପ୍ରଶାନ୍ତ ମହାପାତ୍ର ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

# 'ଆବେଦନ ଅନୁଯାୟୀ ସୂଚନା ଦିଅ'



ବୈଠକରେ ଆର୍ଡିସିଙ୍କ ସମେତ ଅନ୍ୟ ଅଧିକାରୀମାନେ।

**ଅନୁଗୋଳ ଅଫିସ, ୨୨।୧୨**

ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ କୁମାର ଦଳେଇ ବୁଧବାର ଅନୁଗୋଳ ଜିଲା ଗସ୍ତରେ ଆସି କୋର୍ଟ କାର୍ଯ୍ୟ, ଜିଲା କାର୍ଯ୍ୟାଳୟ ଓ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟର ବାର୍ଷିକ ନିରୀକ୍ଷଣ କରିଥିଲେ। ପୂର୍ବାହ୍ନରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ କମିଶନର ଯୋଗଦେଇ ଜିଲାରେ ସରକାରୀ କର୍ମଚାରୀଙ୍କ ଆବଶ୍ୟକ ବାସଗୃହ ନ ଥିବାରୁ ତୁରନ୍ତ ତାହା ନିର୍ମାଣ ପାଇଁ ପ୍ରସ୍ତାବ ପଠାଇବାକୁ ପରାମର୍ଶ ଦେଇଥିଲେ। ସୂଚନା ଅଧିକାର ଆଇନ ଜରିଆରେ ଆସୁଥିବା ଦରଖାସ୍ତଗୁଡ଼ିକ ମାସ ମାସ ଧରି ପଡି ରହୁଥିବାରୁ ଏ ନେଇ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଜନ ଅଭିଯୋଗ ଶୁଣାଣି ବା ଜନଶୁଣାଣି ପୋର୍ଟାଲର ସଫଳ କାର୍ଯ୍ୟକାରିତା ଉପରେ କମିଶନର ଗୁରୁତ୍ୱାରୋପ କରିଥିଲେ। ଓଡିଶା ରାଜସ୍ୱ ସେବାରେ ଖାଲି ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବାକୁ ପରାମର୍ଶ ଦେଇଥିଲେ। ସମାଧାନ ହୋଇ ନ ଥିବା ୩୬ଟି କୋର୍ଟ ମାମଲାର ଓ ୪ଟି ପୁନର୍ବାସ ଦରଖାସ୍ତ ଉପରେ ପଦକ୍ଷେପ ନେବାକୁ କହିଥିଲେ। ଜମି ଅଧିଗ୍ରହଣ, ନିରାମୟ ଯୋଜନାର କାର୍ଯ୍ୟକାରିତା, ମା' ଓ ଶିଶୁ ମୃତ୍ୟୁହାର କମାଇବା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଡେପୁଟି କଲେକ୍ଟର ବଇତୁରା ଦୀପ୍ଙ୍କ ସମେତ ବିଭିନ୍ନ ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପୋଲିସବାବୁଙ୍କ ଚୌକିରେ ପରିସ୍ରା

## ଫାଣ୍ଡିରେ ପଶି ଯୁବକଙ୍କ ଉନ୍ମତ୍ତକାଣ୍ଡ

**ଛେଣ୍ଡିପଦା,୨୨।୧୨(ସ୍ୱ.ପ୍ର.)**

ତହସିଲ ପ୍ରଶାସନ ଅଭିଯୋଗ ନ ରଖିବାରୁ ବୁଧବାର ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାଗଡିଆ ଫାଣ୍ଡିରେ ପଶି ଉନ୍ମତ୍ତକାଣ୍ଡ ଭିଆଇଛନ୍ତି ଖମାର ଗାଁର ଭାସ୍କର ସାହୁ। ବ୍ୟାପକ ଭଙ୍ଗାରୁଜା କରିବା ସହ ପୋଲିସ ବାବୁଙ୍କ ଚୌକିରେ ପରିସ୍ରା କରିଛନ୍ତି। ପୋଲିସ ଟୋପି ଆଣି ମୁଣ୍ଡରେ ପିନ୍ଧି ବୁଲିଛନ୍ତି। ଦୀର୍ଘ ସମୟ ଧରି ଫାଣ୍ଡି ପରିସରରେ ଯୁବକଙ୍କ ଏପରି କାର୍ଯ୍ୟ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ମଧ୍ୟାହ୍ନ ୧୨ଟାରେ ଭାସ୍କର ଏକ ଶଗଡରେ ମା' ଓ ନାତୁଣୀକୁ ଆଣି ୧୫୩-ବି ଜାତୀୟ ରାଜପଥର ବାଗଡିଆ ଫାଣ୍ଡି ସମ୍ମୁଖରେ ପହଞ୍ଚିଥିଲେ। ରାସ୍ତା ଉପରେ ଶଗଡ଼ ରଖିବା ସହ ଶୋଇ ରହି ରାଜପଥ ଅବରୋଧ କରିଥିଲେ। କିଛି ସମୟ ପରେ ଫାଣ୍ଡି ମୁଖ୍ୟ ଫାଟକ, ବୋର୍ଡ, ମୋଟର ସାଇକେଲ ଭଙ୍ଗାରୁଜା କରିଥିଲେ। ଫାଣ୍ଡିରେ ଥିବା ଜଣେ କନଷ୍ଟେବଳ ରୋକିବାକୁ ଚେଷ୍ଟା କରିଥିଲେ ମଧ ବିଫଳ ହୋଇଥିଲେ।



ଅଭିଯୁକ୍ତ ଭାସ୍କର ପୋଲିସ ଟୋପି ପିନ୍ଧି ରାଜପଥ ଉପରେ ବୁଲୁଛନ୍ତି।

ଏହାପରେ ଭାସ୍କର ଫାଣ୍ଡି ଅଧିକାରୀଙ୍କ ଟୋପି ଆଣି ପିନ୍ଧିଥିଲେ। ଆସବାବପତ୍ର, କାଗଜପତ୍ର ସହ ଅଧିକାରୀଙ୍କ ଚେୟାର ଉଠାଇ ରାସ୍ତାରେ ଫୋପାଡ଼ିଦେଇଥିଲେ। ଏପରି କି ତାହା ଉପରେ ପରିସ୍ରା କରିଥିଲେ। ଖବରପାଇ ଛେଣ୍ଡିପଦା ଥାନା ଏସ୍ଆଇ ସଂଘମିତ୍ରା ଶତପଥୀ ଓ ଫାଣ୍ଡି ଏଏସ୍ଆଇ ରମେଶ ପ୍ରଧାନ ପହଞ୍ଚି ତାଙ୍କୁ କାବୁ କରି ଥାନାକୁ ନେଇଥିଲେ। ଭାସ୍କର କହିଛନ୍ତି, ତାଙ୍କ ଜମି ଦେଇ କୋଇଲା ଖଣି ପାଇଁ ସର୍ଭେ କରାଯାଉଛି। କିନ୍ତୁ କମ୍ପାନୀ ପକ୍ଷରୁ ତାଙ୍କଠାରୁ ଅନୁମତି ନିଆଯାଇ ନାହିଁ। ଏ ନେଇ ମଙ୍ଗଳବାର ତହସିଲ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଯାଇଥିଲେ ହେଁ ପାଗଳ କହି ତାଙ୍କୁ ଫେରାଇ ଦିଆଯାଇଥିଲା। ତହସିଲଦାର ଡାନିଏଲ ଏକ୍କା କହିଛନ୍ତି, ସନ୍ଧ୍ୟାରେ ଭାସ୍କର ଅଫିସ ଆସି ବସିରହିଥିଲେ। ତାଙ୍କୁ ପଚରାଯାଇଥିଲେ ମଧ ସେ ଠିକ୍ ଭାବେ କିଛି କହିପାରି ନ ଥିଲେ। ପ୍ରବଳ ଶୀତକୁ ଦୃଷ୍ଟିରେ ରଖି ତାଙ୍କୁ ପୋଲିସ ଜିମା ଦିଆଯାଇଥିଲା। ଛେଣ୍ଡିପଦା ଥାନା ଅଧିକାରୀ ଧୀରେନ କୁମାର ବେହେରା ଓ ଫାଣ୍ଡି ଅଧିକାରୀ ଆଶିଷ କୁମାର ଦାସ କହିଛନ୍ତି, ଜମିଜମା ବିବାଦକୁ ନେଇ ଭାସ୍କର ମଙ୍ଗଳବାର ତହସିଲ ସମ୍ମୁଖରେ ଧାରଣା ଦେଉଥିଲେ। ପୋଲିସ ତାଙ୍କୁ ସେଠାରୁ ଉଠାଇ ଆଣିଥିଲା। ରାତିରେ ଘରକୁ ଫେରିଥିବା ଭାସ୍କର ମଧ୍ୟାହ୍ନରେ ଫାଣ୍ଡିରେ କେହି ନ ଥିବାବେଳେ ଏପରି ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ନଂ. ୫୯୫/୨୧ରେ ମାମଲା ରୁଜୁ ସହ ତାଙ୍କୁ ଅଟକ ରଖାଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

